ODM EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :6**

**CLASS :3**

**SUBJECT : ODIA**

**CHAPTER NUMBER: 14**

**CHAPTER NAME : ଖରା ,ବର୍ଷା ,ଶୀତ**

**SUBTOPIC : ଅଭ୍ୟାସ -୮,୯ ଓ ୧୦**



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ,ଲିଖନ ଓ ବିଭିନ୍ନ ଋତୁ ବିଷୟରେ  ଅବଗତ କରାଇବା |



# ଖରା ,ବର୍ଷା,ଶୀତ









ଗାଁଟିର ନାଁ ମୁକ୍ତାପୁର । ସେହି ଗାଁରେ ପ୍ରାୟ ଶହେଘର । ଭକ୍ତବନ୍ଧୁ ଗାଁ'ର ସବୁଠୁ ଧନୀବ୍ୟକ୍ତି । ତାଙ୍କ ନାତୁଣୀର ନାଁ ତୃପ୍ତି ।

: ଜେଜେ, ଏତେ ଗରମ କାହିଁକି ହେଉଛି ?

: ଖରାଦିନେ ଖରା ହେବନି ତ କ'ଣ ହେବ ?

: ଆଜି କାଲି କ'ଣ ଶୀଘ୍ର ସନ୍ଧ୍ୟା ହେଉ ନାହିଁ ?

: ଖରାଦିନେ ଦିନ ବଡ଼ ହୁଏ । ସୂର୍ଯ୍ୟ ବଡ଼ିଭୋରରୁ ଉଦୟ ହୁଅନ୍ତି । ଡେରିରେ ଅସ୍ତ ଯାଆନ୍ତି । ଖରାଯୋଗୁଁ ଗଛପତ୍ର ଝାଉଁଳି ଯାଏ ।

: ଗଛପତ୍ର କାହିଁକି ଝାଉଁଳି ଯାଉଛି ?

: ଅଧିକ ଗରମ ଯୋଗୁଁ ନଈ, ନାଳ ଶୁଖିଯାଏ । ଗରମପବନ ବହେ । ବର୍ଷା ହୁଏ ନାହିଁ । ପାଣି ନପାଇ ଗଛପତ୍ର ଝାଉଁଳି ଯାଏ । ମାଟି ଶୁଖିଯାଏ । ଏ ସମୟରେ ଜମି ହଳ କରାଯାଏ ।

: ଜେଜେ, ଏହି ଖରାଦିନରେ କେଉଁ କେଉଁ ଫଳ ହୁଏ ?

: ଖରାଦିନରେ ଆମ୍ବ, ପଣସ, ସପୁରି, ଜାମୁକୋଳି ପାଚେ । ଏଗୁଡ଼ିକ ଖରାଦିନିଆ ଫଳ ।

ଖରାଦିନେ କେଉଁସବୁ ଫୁଲ ଫୁଟେ ?

: ମଲ୍ଲୀ, ମାଳତୀ, ଟଗରଫୁଲ ଫୁଟେ ।

ପୁଣି କେବେ ବର୍ଷା ହେବ ?

: ରଜପର୍ବ ଓ ଶୀତଳଷଷ୍ଠୀ ବେଳକୁ ବର୍ଷା ହେବ । ବର୍ଷାଦିନ ତତେ କେମିତି ଲାଗେ ?

: ଛି, ଚାରିଆଡ଼େ କାଦୁଅ ପଚ୍‌ପଚ୍ । ବେଳେବେଳେ ସପ୍ତାହ ସପ୍ତାହ ଧରି ବର୍ଷା ହୁଏ । ଝଡ଼ିବର୍ଷା ହେଲେ ଖେଳିପାରେ ନାହିଁ । ନଈବଢ଼ି ହୁଏ । ସ୍କୁଲ୍ ଯିବାକୁ ଅସୁବିଧା । କାଗଜଡଙ୍ଗା ଭସାଏ, କିନ୍ତୁ ବେଶୀ ଭଲ ଲାଗେ ନାହିଁ ।

: ନା, ନା, ସେମିତି କହନା । ବର୍ଷା ନହେଲେ ମରୁଡ଼ି ହେବ । ପାଣି ପଡ଼ିବାରୁ ଗରମ କମିଯାଏ । ବର୍ଷାହେଲେ ଧାନବୁଣା ହୁଏ । ଧାନ ନହେଲେ ଲୋକେ ଖାଇବେ କ'ଣ ? ଗଛର ପତ୍ର କଅଁଳେ । ବର୍ଷାଦିନେ ଭେଣ୍ଡି, ଜହ୍ନି, ସାରୁ, କାଙ୍କଡ଼, ଛଚିନ୍ଦ୍ରା ମିଳେ । ସବୁଜପରିବାରେ ମଜା ଅଛି ନା । ଶୀତଦିନେ ଧାନ ଅମଳ ହୁଏ । ବସ୍ତାବସ୍ତା ଧାନପାଇ ଚାଷୀ ଖୁସି ହୁଏ ।



: ଆଚ୍ଛା ଜେଜେ, ଶୀତରୁ କିପରି ରକ୍ଷାମିଳେ ?



: ଶୀତଦିନେ ଅଧିକ ଥଣ୍ଡା ହୁଏ । ଆମେ ଶୀତପୋଷାକ ପିନ୍ଧୁ । ନିଆଁ ଜଳାଇ ତା' ପାଖରେ ବସୁ ।



: ଜେଜେ, କେବଳ କ'ଣ ଆମକୁ ଶୀତ ହୁଏ ? ପକ୍ଷୀମାନଙ୍କୁ କ'ଣ ଶୀତ ହୁଏ ନାହିଁ ? ସେମାନେ ଶୀତରେ କିପରି ରହନ୍ତି ?



: ହଁ, ପକ୍ଷୀ ମାନଙ୍କୁ ଏତେ ଶୀତ ହୁଏ ଯେ ସେମାନେ ଅଧିକ ଶୀତ ହେଉଥିବା ଅଂଚଳରୁ, କମ୍ ଶୀତ ହେଉଥିବା ଅଞ୍ଚଳକୁ ଉଡ଼ି ଆସନ୍ତି ।

ODM EDUCATIONAL GROUP
Changing your Tomorrow

## ୮। ଖାଳି ଘର ପୂରଣ କର ।

(କ) ନଈପୋଖରୀ **ଗ୍ରୀଷ୍ମ** ଋତୁରେ ଶୁଖିଯାଏ ।

(ଖ) ନଈପୋଖରୀରେ **ବର୍ଷା** ଋତୁରେ ପାଣି ଗୋଳିଆ ଦେଖାଯାଏ ।

(ଗ) ପକ୍ଷୀମାନେ **ଶୀତ** ଋତୁରେ ଅଧିକ ଶୀତ ହେଉଥିବା ସ୍ଥାନରୁ ଅଳ୍ପ ଶୀତ ହେଉଥିବା ସ୍ଥାନକୁ ଉଡ଼ି ଯାଆନ୍ତି ।

(ଘ) ଲୋକମାନେ **ଶୀତ** ଋତୁରେ ବଣଭୋଜି କରିବାକୁ ଆଗ୍ରହୀ ହୁଅନ୍ତି ।

# ଅଭ୍ୟାସ-୯ ଆଲୋଚନା କରି ଲେଖ

(କ) ତୁମ ଗାଁ' / ଅଞ୍ଚଳରେ ଲୋକମାନେ କେଉଁ ଋତୁରେ କେଉଁ ପରିବାଚାଷ କରନ୍ତି ପଚାରିବୁଝି ଲେଖ ।

ଆମ ଗାଁ \ଅଞ୍ଚଳରେ ଲୋକମାନେ ବର୍ଷା ଋତୁରେ –ଭେଣ୍ଡି ,ଜହ୍ନି,କାଙ୍କଡ,ଛଚିନ୍ଦ୍ରା,ବାଇଗଣ ଆଦି ଚାଷ କରନ୍ତି | ଗ୍ରୀଷ୍ମ ଋତୁରେ ପୋଟଳ ,କଲରା,କୁନ୍ଦୁରି,କଖାରୁ ,କାକୁଡି ଆଦି ଚାଷ କରନ୍ତି ,ଏବଂ ଶୀତ ଋତୁରେ ଫୁଲକୋବି ,ବନ୍ଧାକୋବି ,ବିଲାତି ବାଇଗଣ ,ମୂଳା, ଆଳୁ,ବିନ ,ଶିମ୍ବ,ଗାଜର ,କନ୍ଦମୂଳ ଆଦି  ପରିବା ଚାଷ କରନ୍ତି |

# ଅଭ୍ୟାସ-୯ ଆଲୋଚନା କରି ଲେଖ

ODM EDUCATIONAL GROUP

(ଖ) ତୁମ ଗାଁ' / ଅଞ୍ଚଳରେ ଲୋକମାନେ କେଉଁ ସମୟରେ ଧାନ ବୁଣନ୍ତି ଓ ଧାନ ଅମଳ କରନ୍ତି ପଚାରି ବୁଝି ଲେଖ ।

ଆମ ଗାଁ \ଅଞ୍ଚଳର ଲୋକମାନେ ବର୍ଷା ଋତୁ ଆରମ୍ଭ ରେ ଧାନ ବୁଣନ୍ତି ଓ  ଶୀତ ଋତୁରେ ଧାନ ଅମଳ କରନ୍ତି |

# ଗୃହକର୍ମ

ଅଭ୍ୟାସ -୧୦ କୁ ଖାତାରେ କର |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP